## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ଜୟପୁର,୯।୧୦ (ନି.ପ୍ର.)- ଜୁଆଖେଳ ଓ ଖୁଡୁଖୁଡି ଖେଳ ଚାଲୁଥିବା ବେଳେ ଏ ସମ୍ପର୍କରେ ସୂଚନା ପାଇ ଜୟପୁର ସଦର ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ପୋଲିସକୁ ଦେଖି ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ୨,୮୩୭ ଟଙ୍କା ଓ ଖୁଡୁଖୁଡି ଖେଳ ସାମଗ୍ରୀ ଜବତ ହୋଇଛି। ସେହିପରି ଥୁରୁଡିପୁଟରେ ଜୁଆଖେଳ ଚାଲୁଥିବା ସୂଚନା ପାଇ ଚଢାଉ କରି ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬,୭୧୦ ଟଙ୍କା ଜବତ ହୋଇଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ଡେଓଗୁଡ଼ାରେ ଅବକାରୀ ଚଢ଼ାଉ

ଜୟପୁର,୯।୧୦ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ଡେଓଗୁଡାରେ ଅବକାରୀ ଚଢାଉ ହୋଇଛି। ମଦ ଚୋରାଚାଲାଣ କରୁଥିବା ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ବିଭାଗୀୟ କର୍ମଚାରୀ ଚଢାଉ କରିଥିଲେ। କର୍ମଚାରୀମାନେ ଅନେକ ମଦଭାଟି ଭାଙ୍ଗିବା ସହ ୮ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରିଥିଲେ। ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଜବତ ହୋଇଛି।

### ଦିବ୍ୟାଙ୍ଗ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୯।୧୦ (ନି.ପ୍ର.)- ରବିବାର କିଟ୍ ପକ୍ଷରୁ ଜୟପୁର ସଙ୍ଗମ କଲ୍ୟାଣ ମଣ୍ଡପଠାରେ ଦୀପ ଉତ୍ତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ ସହ ସେମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏସଏସର ଅହାନା ବେଦ, ସମ୍ମାନିତ ଅତିଥି ଭାବେ କୋରାପୁଟର ଏନ୍ଏଚଏମ୍ ଡିପିଏମ ଶୁଭକାନ୍ତ ଗନ୍ତାୟତ, ରାଜେନ୍ଦ୍ର ଗୌଡ଼, ଧୀରେନ ପଟ୍ଟନାୟକ, ଜଗଦୀଶ ମିଶ୍ର, ସାହାଯ୍ୟ ଗ୍ରୁପର କାର୍ତ୍ତିକ ରାଉତ, ଏକେଏସ ଗ୍ରୁପର କାଳୀଚରଣ ଦେବଶର୍ମା, ମୁଖ୍ୟବକ୍ତା ଭାବେ ଅନିଲ ପାତ୍ର ଓ କିଟ୍ ଚାରିଟେବଲର ମୁଖ୍ୟ ହେମରାଜ ପାଣିଗ୍ରାହୀ ଉପସ୍ଥିତ ଥିଲେ। କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ସ୍ୱର ଘୁଙ୍ଗୁରର ମୁଖ୍ୟଙ୍କ ସମେତ ଜଗଦୀଶ ମିଶ୍ର, ଦିବ୍ୟାଙ୍ଗ ଆସୋସିଏଶନର ସଭାପତି ପୁରିହା ବାବୁ ସମସ୍ତଙ୍କୁ ପୁରସ୍କୃତ କରିଥିଲେ। ଯେଉଁ ଦିବ୍ୟାଙ୍ଗମାନେ ନାହିଁ ନ ଥିବା ଅସୁବିଧାରେ ଅଛନ୍ତି ସେମାନଙ୍କ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇ ସମସ୍ୟା ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି କିଟ୍ ମୁଖ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୋପବନ୍ଧୁ ଜୟନ୍ତୀ



ମାଲକାନଗିରି,୯।୧୦ (ଡି.ଏନ୍.ଏ)- ମାଲକାନଗିରି ସଦର ମହକୁମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ସଭାପତି ରବୀନ୍ଦ୍ର ମହାରଣା ଯୋଗଦେଇ ଗୋପବନ୍ଧୁଙ୍କ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉପସ୍ଥିତ ଗୁରୁଜୀଗୁରୁମା ଓ ଶିଶୁମାନଙ୍କୁ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ହରିହର ପଟ୍ଟନାୟକଙ୍କ ସହ ଶିଶୁ ଭଉଣୀଭାଇ ସହଯୋଗ କରିଥିଲେ।

# ରାସ୍ତା ପାଇଁ ହନ୍ତସନ୍ତ ୩୦ ପରିବାର

ମାଲକାନଗିର,୯।୧୦ (ଡି.ଏନ୍.ଏ)

ରାଜ୍ୟ ସରକାର ଓଡିଶା ପାଇଁ ଓ ଗରିବ ଲୋକଙ୍କ ଲାଗି ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଇ ଆସୁଥିବା ଡିଣ୍ଡିମ ପିଟୁଥିବା ବେଳେ ପ୍ରକୃତରେ ଲୋକଙ୍କୁ ସୁବିଧା ମିଳିବା ବଦଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କେଉଁଠି ଶିକ୍ଷାର ସମସ୍ୟା, କେଉଁଠି ଚିକିତ୍ସାର ସମସ୍ୟା, କେଉଁଠି ପାନୀୟ ଜଳ ସମସ୍ୟା ତ ଆଉ କେଉଁଠି ରାସ୍ତାଘାଟର ସମସ୍ୟା । ଏହି ସମସ୍ତ ସମସ୍ୟା ସମ୍ବନ୍ଧରେ ବାରମ୍ବାର ସରକାରଙ୍କୁ ଅବଗତ କରିଆସୁଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ମିଳି ପାରୁନାହିଁ । ଏପରି ଏକ ସମସ୍ୟା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସଦର ବ୍ଲକ ସେରପାଲ୍ଲୀ ପଞ୍ଚାୟତର କେନ୍ଦୁଗୁଡା ଗ୍ରାମରେ । ଏହି ଗ୍ରାମଟି ବହୁ ପୁରାତନ ଗ୍ରାମ, ଯେଉଁଠି ୩୦ ପରିବାର ବସବାସ କରୁଛନ୍ତି। ଏହି ଗ୍ରାମକୁ ଯିବାକୁ ହେଲେ ପ୍ରଥମେ ମୁଖ୍ୟ ରାସ୍ତାରୁ ଟାଙ୍ଗିଣିଗୁଡ଼ା ଗ୍ରାମକୁ ଯିବାକୁ ପଡିଥାଏ ।



ସେରପାଲ୍ଲୀ ପଞ୍ଚାୟତର କେନ୍ଦୁଗୁଡା ଗ୍ରାମର ରାସ୍ତାର ଅବସ୍ଥା ।

ସେଠାରୁ ପ୍ରାୟ ଦୁଇ କିଲୋମିଟର ଗଲେ କେନ୍ଦୁଗୁଡା ଗ୍ରାମ ପଡିଥାଏ । ଏହି ଗ୍ରାମକୁ ବର୍ତ୍ତମାନ ସୁଦ୍ଧା କୌଣସି ପକ୍କା ରାସ୍ତାର ସୁବିଧା ନାହିଁ ଗ୍ରାମବାସୀ ଚଲାପଥ ବାଟ ଦେଇ ଯାତାୟାତ କରନ୍ତି । ବର୍ଷା ଦିନ ଆସିଲେ ଜମି ଓ ଝରଣା ପାଣିରେ ଏହି ଚଲାପଥ ରାସ୍ତା ମଧ୍ୟ କ୍ଷୟ ହୋଇ ଯିବା ସହ ରାସ୍ତା ମଝିରେ ଏକ ନାଳ ସୃଷ୍ଟି ହୋଇଥାଏ । ଫଳରେ ଗ୍ରାମବାସୀ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ତେଣୁ ବାଧ ହୋଇ ଏହି ନାଳ ଉପରେ ଦୁଇଟି କାଠ ଗଣ୍ଡି ପକାଇ ଜନସାଧାରଣ ଚଲାବୁଲା କରୁଛନ୍ତି । ଏପରି ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ରମାନେ ମଧ୍ୟ ବିଦ୍ୟାଳୟକୁ ଯିବା ପାଇଁ ବାଧ ହୋଇ ଏହି କାଠ ଗଣ୍ଡି ଉପରେ ହିଁ ଯାଉଛନ୍ତି । ଏ ସମ୍ବନ୍ଧରେ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରି ନିରାଶ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ସେରପାଲ୍ଲୀ ଗ୍ରାମ ପଞ୍ଚାୟତର କିଛି ଆମ୍ ଆଦ୍ମୀ ପାର୍ଟିର ସକ୍ରିୟ କର୍ମୀ ଆପ୍‌ର ଜିଲା ସଭାପତି କେ. ଦେଶିରାଜୁ ଆଚାରୀଙ୍କୁ ଜଣାଇଥିଲେ । ଆଚାରୀ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିବା ସହ ନିଜେ ସେହି ବିପଦସଙ୍କୁଳ ରାସ୍ତା ଦେଖି ଆସିଥିଲେ । ଏ ସମ୍ବନ୍ଧରେ ଆଚାରୀ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁଙ୍କ ସହ ଆଲୋଚନା କରି ରାସ୍ତା ସମ୍ପର୍କରେ ଅବଗତ କରାଇଥିଲେ । ଭୂୟାଁ ଏହାକୁ ଗୁରୁତର ସହ ନେଇ ରାସ୍ତା କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ମହାପୁରୁଷ ମହମ୍ମଦ ଜୟନ୍ତୀ ପାଳିତ

ମାଥିଲି,୯।୧୦(ଡି.ଏନ.ଏ. )

ମହାପୁରୁଷ ମହମ୍ମଦ ଜୟନ୍ତୀ ମୁସଲିମ ଭଉଣୀଭାଇଙ୍କ ପାଇଁ ଏକ ପବିତ୍ର ଦିବସ। ଏହି ଅବସରରେ ମାଲକାନଗିରି ଜିଲା ମାଥିଲି ସଦରସ୍ଥିତ ମସ୍‌ଜିଦରେ ମହାପୁରୁଷ ମହମ୍ମଦ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ମୁଖ୍ୟବକ୍ତା ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ସସ୍ମିତା ମାଝୀ, ମାଥିଲି ସରପଞ୍ଚ କାନାମରାଜୁ ନାୟକ ଓ ସମିତିସଭ୍ୟ ବାଲାରାଜୁ କୋପେ ଯୋଗ ଦେଇଥିଲେ। ମାଥିଲି ଗୋଟିଏ ଭାଇଚାରାର ପଞ୍ଚାୟତ। ଏହି ଅଞ୍ଚଳରେ ହିନ୍ଦୁ, ମୁସ୍‌ଲିମ ଓ ଖ୍ରୀଷ୍ଟଧର୍ମର ଗୋଟିଏ ଭାଇଚାରା ରହିଆସିଛି। ଏହି ଅବସରରେ ରବିବାର ସକାଳୁ ମୁସଲିମ ଭଉଣୀଭାଇଙ୍କ ସହ ଅଞ୍ଚଳବାସୀ ଏକତ୍ରିତ ହୋଇ ମସଜିଦରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ମହାପୁରୁଷ ମହମ୍ମଦଙ୍କ ଅମରବାଣୀକୁ ପ୍ରଚାର କରିଥିଲେ। ପରେ ମସଜିଦରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ମହାପୁରୁଷ ମହମ୍ମଦଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମସଜିଦରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଆୟୋଜକ ଅବଦୁଲ ଗାଫାର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମାଥିଲି, ଖଇରପୁଟ, ଗୋବିନ୍ଦପାଲ୍ଲି ଓ କୁଡୁମୁଲୁଗୁମ୍ମା ଅଞ୍ଚଳର ବହୁ ମୁସଲିମ ଭଉଣୀଭାଇଙ୍କ ସହ ବହୁ ବରିଷ୍ଠ ରାଜନେତା ଓ ଅଞ୍ଚଳବାସୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ ହୋଇଥିଲେ। ଅବଦୁଲ ଗାନିଙ୍କ ସହ ବହୁ ମୁସଲିମ ଯୁବଗୋଷ୍ଠୀ ସହଯୋଗ କରିଥିଲେ।



ମହାପୁରୁଷ ମହମ୍ମଦ ଜୟନ୍ତୀ ପାଳନ ଅବସରରେ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ନଗର ପରିକ୍ରମା କରୁଛନ୍ତି।

### ଦାମନଯୋଡିରେ ଉତ୍କଳମଣି ଜୟନ୍ତୀ

ଦାମନଯୋଡି,୯।୧୦(ଡିଏନଏ):
ନାଲକୋ କମ୍ୟୁନିଟି ସେଣ୍ଟରଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ରବିବାର ପାଳିତ ହୋଇ ଯାଇଛି। ମିଡ଼ିଆ ହାଉସ ଦାମନଯୋଡି ଏବଂ ବର୍ଷା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ନାଲକୋ ମହାପ୍ରବନ୍ଧକ (ସିଆଣ୍ଡ ଆଇ) ପ୍ରଶାନ୍ତ ଦାସ ମୁଖ୍ୟଅତିଥି, ନାଲକୋ ଡିଜିଏମ ସରୋଜ ନାଥ, ବରିଷ୍ଠ ପ୍ରବନ୍ଧକ ପ୍ରଦ୍ୟୁମ୍ନ ମିଶ୍ର, ପ୍ରବନ୍ଧକ ଅରୁଣ ମହାନ୍ତି, ସେମିଳିଗୁଡା ବାର ସଭାପତି ଆଇନଜୀବୀ ପୀତାମ୍ବର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ଷା ସାହିତ୍ୟ ସଂସଦ ସଭାପତି ନାଲକୋ ଏଜିଏମ ଡ. ପ୍ରଦୀପ ପାଢୀଯୋଶୀ ମୁଖ୍ୟବକ୍ତା ରୂପେ ଉପସ୍ଥିତ ଥିଲେ। ମିଡ଼ିଆ ହାଉସ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଅତିଥି ପରିଚୟ ଦେଇଥିଲେ। ସଂଘ ସଭାପତି ନରସିଂହ ବ୍ରହ୍ମା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଡ. ଅଶୋକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସମାଜସେବା ପାଇଁ ହରିବନ୍ଧୁ ବିଶ୍ୱାଳ, ସଂସ୍କୃତ ଭାଷା ପ୍ରଚାର ପ୍ରସାର ପାଇଁ ପଣ୍ଡିତ ନାରାୟଣ ସାହୁ, ଖବର ପ୍ରଚାରପ୍ରସାର ପାଇଁ ଶଶଧର ରାଉତ, ନାଟ୍ୟକାର ଓ ଅଭିନେତା ଅଶୋକ କର, ୟଙ୍ଗଟେକ୍ ଆସେମ୍ବଲର ଭାବେ ଜାତୀୟ ସ୍ତରରେ କନିଷ୍ଠ ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସମ୍ପୂର୍ଣ୍ଣ ସେନାପତି, ଡ. ସୁରେନ୍ଦ୍ର କହଁର ଏବଂ ଅନାମ ଚରଣ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଆଦିତ୍ୟ ପ୍ରସାଦ ବାରିକ, ଲୋପାମୁଦ୍ରା ବାରିକ, ତୃପ୍ତିମୟୀ ଶତପଥୀ, ଶିକ୍ଷୟିତ୍ରୀ ପ୍ରଭାସିନୀ ପାଣି, ସ୍ମୃତିପ୍ରଜ୍ଞା ସାହୁ, ବିଷ୍ଣୁ ପ୍ରସାଦ ରାଉତ ପ୍ରମୁଖ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ସଂଘ ଉପସଭାପତି ସୁଦର୍ଶନ ସେନାପତି ଧନ୍ୟବାଦ ଦେଇଥିଲେ। ସେକ୍ଟର-୩ସ୍ଥିତ ଗୋପବନ୍ଧୁ ପାର୍କଠାରେ ଥିବା ପ୍ରତିମୂର୍ତ୍ତି ଏବଂ ସେକ୍ଟର-୨୦ଠାରେ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।

# ସାପ କାମୁଡ଼ାରେ ନାବାଳକ ମୃତ

ଏମ୍‌ଭି ୭୯,୯।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ମାଲଭାରମ ପଞ୍ଚାୟତ ସାଡବାନପାଲି ଗ୍ରାମରେ ରାତିରେ ଶୋଇଥିବା ବେଳେ ସାପକାମୁଡାରେ ଜଣେ ନାବାଳକ (୧୫)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ବିଜୟ ମାଡକାମୀ। ସେ ଖାଇପିଇ ମାମୁ ଘରେ ଶୋଇଥିଲେ। ରାତି ୩ଟା ବେଳେ ତାଙ୍କୁ ଏକ ପାହାଡି ଚିତି ସାପ କାମୁଡି ଦେଇଥିଲା। କିଛି ସମୟ ପରେ ବିଜୟ ଯନ୍ତ୍ରଣା ଅନୁଭବ କରିବାରୁ ମାମୁ ଏବଂ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ମାମୁ ମୋଟୁ ଥାନାରେ ଜଣାଇବା ପରେ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଣ୍ଡବାଇ ପଞ୍ଚାୟତ କାଟନପାଲି ଗ୍ରାମର ଜଗା ମାଡ଼କାମୀଙ୍କ ପୁଅ ବିଜୟ ତାଙ୍କ ପରିବାରେ ବଡପୁଅ ଥିଲେ। ସେ ଗ୍ରାମ ବିଦ୍ୟାଳୟରେ ପାଠ ପଢୁଥିଲେ। ଦଶହରା ସମୟରେ ବିଜୟ ମାମୁଘର ସାଡବାନପାଲି ଗ୍ରାମକୁ ବୁଲି ଆସିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।






ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
rgdselfie@gmail.com

@ ଅମିତ

@ ଚିନ୍ମୟୀ

@ ଏମ୍. ବିଜୟ

@ ସୁଶାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହମ୍ମଦଙ୍କ ଜୟନ୍ତୀରେ ଜୁଲସ ଶୋଭାଯାତ୍ରା

କୋରାପୁଟ,୯।୧୦(ସ୍ୱ.ପ୍ର.)

ରବିବାର ପଫେଟ ମହମ୍ମଦଙ୍କ ଜୟନ୍ତୀ ତଥା ଇଦ ଇ ମିଲଦ ଉନ ନବି ଅବସରରେ କୋରାପୁଟ ସହରର ମୁସିଲମ ସମ୍ପ୍ରଦାୟ ପକ୍ଷରୁ ଏକ ବିରାଟ ଜୁଲସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ସୁନ୍ନି ମୁସଲିମ ଆସୋସିଏଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆସୋସିଏଶନ ସଭାପତି ଅହମ୍ମଦ ଖାନ, ସମ୍ପାଦକ ନୁର ଖାନଙ୍କ ତତ୍ତ୍ୱାବଧାନରେ ମସଜିଦରେ ସ୍ୱତନ୍ତ୍ର ନମାଜ ପାଠ ପରେ ସ୍ଥାନୀୟ ମସଜିଦଠାରୁ ଏକ ଜୁଲୁସ ଶୋଭାଯାତ୍ରରେ ସହର ପରିକ୍ରମା କରି କବରଖାନା ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସମସ୍ତେ ସମୂହ ପ୍ରାର୍ଥନା କରିଥିଲେ । ସୂଚନାଯୋଗ୍ୟ, ୧୪୮୯ ଖ୍ରୀଷ୍ଟାବ୍ଦରେ ପଫେଟ ମହମ୍ମଦଙ୍କ ଜନ୍ମ ହୋଇଥିଲା । ସେହି ଜନ୍ମ ଦିବସକୁ ସୁନ୍ନି ସମ୍ପ୍ରଦାୟର ମୁସଲମାନମାନେ ଏହି ଜୁଲୁସ ଶୋଭାଯାତ୍ରାରେ ପାଳନ କରୁଥିବା ଆସୋସିଏଶନ ସଭାପତିଏ. ଖାନ କହିଛନ୍ତି।

### ଜୁଆଆଡ୍ଡା ଉପରେ ଚଢାଉ, ୭ ଗିରଫ

ଜୟପୁର,୯।୧୦(ନି.ପ୍ର.)
ରବିବାର ଜୟପୁର ସଦର ପୋଲିସ ଏକାମ୍ବ ଗ୍ରାମରେ ଚଢାଉକରି ଜୁଆଖେଳ ଚାଲିଥିବା ବେଳେ ୭ ଜଣ ଜୁଆଡିଙ୍କୁ ଗିରଫ କରିଛି । ସେମାନଙ୍କୁଠାରୁ ୧ଲକ୍ଷ ୨୨୦ଟଙ୍କା ଜବତ କରିଛି ।

# ମୁସଲମାନଙ୍କ ଇଦ୍ ମୁଲାଦୁନ ନବୀ ପର୍ବ

ଜୟପୁର, ୯।୧୦ (ନି.ପ୍ର.)

କୋରାପୁଟ ଜିଲା ଜୟପୁର ସହରର ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମହାପୁରୁଷ ମହମ୍ମଦଙ୍କ ଜନ୍ମଦିବସ ଅବସରରେ ସଜନେ-ଇଦ୍ ମୁଲାଦୁନ୍-ନବୀ ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ସାମନ୍ତରାସାହି ଜୁମା ମସଜିଦରୁ ଶୋଭାଯାତ୍ରା ବାହାରି ହାଇଦ୍ରାବାଦ ଲାଇନ, ତାରିଣି ଛକ, କେବିଏସଡି ରୋଡ, ମୁଖ୍ୟ ରାସ୍ତା ଦେଇ ସରକାରୀ ବସଷ୍ଟାଣ୍ଡଠାରେ ପହଞ୍ଚିଥିଲା। ପରେ ଶୋଭାଯାତ୍ରା ପୁଣି ମୁଖ୍ୟ ରାସ୍ତା ଦେଇ ମସଜିଦରେ ପହଞ୍ଚିଥିଲା। ମସଜିଦକୁ ଫେରିବା ପରେ ଗତ ୨ତାରିଖରେ ହୋଇଥିବା କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବୈପାରିଗୁଡା, ବୋରିଗୁମ୍ମା, କୁମିଲିପୁଟ, ଆମ୍ବାଗୁଡା, ଅପରକୋଲାବ ଓ ଉମୁରିର ବହୁସଂଖ୍ୟକ ମୁସଲମାନ ସମ୍ପ୍ରଦାୟର ଲୋକେ ସାମିଲ ହୋଇଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ମହମ୍ମଦଙ୍କ ଜୟନ୍ତୀ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ସୁନ୍ନି, ମୁସଲିମ ଅଞ୍ଜୁମାନ କମିଟି ପରିଚାଳନା କରିଥିଲେ।



ମହାପୁରୁଷ ମହମ୍ମଦଙ୍କ ଜନ୍ମଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।

### ସାଇକେଲରୁ ପଡି ନାବାଳାକଙ୍କ ମୃତ୍ୟୁ

ଆସିକା,୯।୧୦(ଡି.ଏନ.ଏ.)
ଆସିକା ଥାନା କଲେଜ ଛକ ସୁତାକଳ ନିକଟରେ ରବିବାର ମଧ୍ୟାହ୍ନରେ ସାଇକଲରେ ବୁଲୁଥିଲା ବେଳେ ଜଣେ ନାବାଳକଙ୍କ ତଳ ପଡିଯାଇ ମୃତ୍ୟୁ ଘଟିଛି। ସେ ହେଲେ ଖାରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରବିନ୍ଦ ଲେଙ୍କାଙ୍କ ପୁଅ ଆସୁତୋଶ (୧୨) । ଆସୁତୋଶ କଲେଜ ଛକ ନିକଟସ୍ଥ ତାମ୍ବି ସାହିରେ ସାଇକେଲ ଚଳାଉଥିବା ସମୟରେ ତଳେ ପଡିଯାଇଥିଲେ। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ନାବାଳାକଙ୍କ ବାପା ଆସିକା ପୋଲିସରେ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହକୁ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରିଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ. ୩୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି।

# ଝୁମ୍ପୁଡ଼ି ଘରେ ଜୀବନ

ମାଲକାନଗିରି,୯।୧୦(ଡି.ଏନ.ଏ.)

ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ର ୯ ନଂ. ୱାର୍ଡ ଆୟାପ୍ପା ଲାଇନରେ ଦୀର୍ଘ ଦିନ ଧରି ରହି ଆସୁଛନ୍ତି ଭଗବତୀ ପୂଜାରୀ (୭୨)। ଝାଟିମାଟିର ପଲିଥିନ ଟଣା ଘରେ ସେ ୩୦ ବର୍ଷ ହେଲା ରହି ଆସୁଛନ୍ତି। ପ୍ରାୟ ୧୩ /୧୪ ବର୍ଷ ଧରି ଆୟାପ୍ପା ଲାଇନରେ ରହୁଥିବା ଭଗବତୀଙ୍କ ସ୍ୱାମୀ ହଳଧର ପୂଜାରୀଙ୍କ ୯ବର୍ଷ ହେଲା ପରଲୋକ ହୋଇଯାଇଛି। ଏହାପରଠାରୁ ଏକୁଟିଆ ହୋଇଯାଇଛନ୍ତି ଭଗବତୀ। ସନ୍ତାନସନ୍ତତିରୁ ବଞ୍ଚିତ ଭଗବତୀ ଏବେ ଏକା। ସରକାରଙ୍କ ବିକାଶର ସୁଫଳ ପହଞ୍ଚିପାରିନି ତାଙ୍କ ନିକଟରେ। ଝାଟିମାଟିର ଝୁମ୍ପୁଡି ଘରଟିକୁ ସଜାଡିବାକୁ ମଧ୍ୟ ସେ ଅସମର୍ଥ। ଆବାସଟିଏ ପାଇବା ଲାଗି ଭଗବତୀ ଚାହିଁ ରହିଥିଲେ ମଧ୍ୟ ତାହା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଇତିମଧ୍ୟରେ ସରକାର ଏବଂ ସ୍ଥାନୀୟ ପ୍ରଶାସନର ଉଦ୍ୟମରେ ୩ଟି ପର୍ଯ୍ୟାୟରେ ଏନଏସି ଅଞ୍ଚଳର ୧୨ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉପକୃତ ହୋଇଥିଲେ ମଧ୍ୟ ଭଗବତୀଙ୍କ ଦୁଃଖ କେହି ବୁଝିନାହାନ୍ତି। ତାଙ୍କୁ ଏକ ବାସୋପଯୋଗୀ ଗୃହ ଯୋଗାଇ ଦେବାକୁ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଦାବି ହେଉଛି।



ଭଗବତୀ

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା


ବିଷମକଟକ ଦୋଳମଣ୍ଡପଠାରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି ।


ଡାବୁଗାଁ ରେଲି ସାହିଠାରେ ମାଁ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ।


ଗୁଣପୁର ସ୍ଥିତ ମରାଠିଗୁଡ଼ାଠାରେ ମାଁଙ୍କ ପୂଜା ଲାଗି କଳସଯାତ୍ରା ।


୨୭ ବର୍ଷରେ ରାୟଗଡ଼ା ନ୍ୟୁ କଲୋନୀ ପୂଜା ।

## ସଂକ୍ଷେପରେ

### ମହୁ ବିକ୍ରି ଆଳରେ ଘରୁ ଚୋରି

**ସିସିଟିଭିରେ କଏଦ ହେଲା ଚୋରି ଦୃଶ୍ୟ**

ଗୁଣପୁର,୯।୧୦(ଡି.ଏନ୍.ଏ.)-ମହୁବିକ୍ରି ଆଳରେ ଚୋରି କରୁଥିବା ଘଟଣା ଏବେ ରାୟଗଡ଼ା ଜିଲା ଗୁଣପୁରରେ ଚର୍ଚ୍ଚାର ବିଷୟ ହୋଇଛି। ଚୋରି ଘଟଣା ସିସିଟିଭିରେ କଏଦ ହେବାପରେ ଏହା ପଦାକୁ ଆସିଛି। ସୂଚନା ଅନୁଯାୟୀ, ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ରହୁଥିବା ଡା. ରାମ ନାରାୟଣ ମହାନ୍ତିଙ୍କ ଘରକୁ ଜଣେ ଯୁବକ ଆସି ମହୁ କିଣିବେ କି ବୋଲି ପଚାରିଥିଲେ। ଏହାପରେ ଯୁବକ ଜଣଙ୍କ ଘର ଉପରେ ନଜର ବୁଲାଇ ଯାଇଥିଲେ। କିଛି ସମୟ ପରେ ପୁଣି ଯୁବକ ଜଣକ ଆସି ଘର ଭିତରେ ପଶି କେହି ନ ଥିବା ଦେଖି ପର୍ସରୁ ଟଙ୍କା ନେଇ ଚାଲି ଯାଇଥିଲେ। ଏହା ଅଞ୍ଚଳରେ ପ୍ରଚାର ହେବାପରେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତେବେ ଡାକ୍ତର ଏ ନେଇ ଥାନାରେ ଅଭିଯୋଗ କରି ନ ଥିବା ଜଣାପଡ଼ିଛି। ସହରର ବିଭିନ୍ନ ମନ୍ଦିର ଏବଂ ଦୋକାନ ମାନଙ୍କରେ କିଛି ମାସ ହେଲା ଚୋରି ବନ୍ଦ ଥିବାବେଳେ ଏବେ ମହୁ ବିକ୍ରି ନାଁରେ ଚୋରିକୁ ନେଇ ଭୟ ସୃଷ୍ଟି ହୋଇଛି।

### ଜୁଆଆଡ୍ଡାରେ ଚଢ଼ାଉ: ୩୧୪୪୦ ଟଙ୍କା ଜବତ, ୭ ଅଟକ

ରାୟଗଡ଼ା ଅଫିସ,୯।୧୦-କୁମାର ପୂର୍ଣ୍ଣିମାରେ ଜୁଆଖେଳ ଚାଲିଥିବାବେଳେ ରୟଗଡ଼ା ଟାଉନ ପୋଲିସ ଚଢ଼ାଉ କରି ସହର ସ୍ଥିତ ନିୟୁ କଲୋନୀରୁ ୭୪୪୦ ଟଙ୍କା, ଇନ୍ଦ୍ରା ନଗରରୁ ୨୪୦୦୦ ଟଙ୍କା ଜବତ କରାଯାଇଛି। ସେହିପରି ୨ ଟି ମୋବାଇଲ, ୨ ଟି ବାଇକ ଏବଂ ତାସ ଜବତ ହୋଇଛି। ଏହି ମାମଲାରେ ପୋଲିସ ୭ ଜଣଙ୍କୁ ଅଟକ ରଖିଛି। ତେବେ ସେମାନଙ୍କ ନାଁ ପ୍ରକାଶ କରାଯାଇନାହିଁ।

### ୧୨ ଜଣଙ୍କ ନାଁରେ ମାମଲା, ୫୮୦୦ ଟଙ୍କା ଜବତ

ତେନ୍ତୁଲିଖୁଣ୍ଟି,୯।୧୦(ଡି.ଏନ୍.ଏ.)-କୁମାର ପୂର୍ଣ୍ଣିମା ଉପଲକ୍ଷେ ବିଭିନ୍ନ ସ୍ଥାନରେ ଜୁଆଆଡ୍ଡା ଚାଲିଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ନବରଙ୍ଗପୁର ଜିଲା ଖାତିଗୁଡ଼ା ପୋଲିସ ଶନିବାର ରାତିରେ ଖାତିଗୁଡ଼ା ଥାନା ଅଧୀନ ବଙ୍ଗଲାଗୁଡ଼ା ଓ ଜଗନ୍ନାଥପୁରର ଦୁଇଟି ସ୍ଥାନରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରି ୫୮୦୦ ଟଙ୍କା ଏବଂ ତାସ୍ ଜବତ କରିଛି। ଏ ନେଇ ଥାନାରେ ଦୁଇଟି ମାମଲା ୮୮/୨୨ ଏବଂ ୮୯/୨୨ ରେ ରୁଜୁ ହୋଇଛି। ବଙ୍ଗଳାଗୁଡ଼ାରୁ ୪୪୨୦ ଏବଂ ଜଗନ୍ନାଥପୁରରୁ ୧୩୮୦ ଟଙ୍କା ଜବତ ହୋଇଛି। ବଙ୍ଗଳାଗୁଡ଼ାରେ ୯ ଜଣ ଓ ଜଗନ୍ନାଥପୁରରେ ୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି କେତେଜଣ ଜୁଆଡ଼ି କୌଶଳକ୍ରମେ ଖସି ପଳାଇଥିବା ପୋଲିସ ପ୍ରକାଶ କରିଛି। ଖାତିଗୁଡ଼ା ଆଇଆଇସି ଦୀପକ ଲେଙ୍କାଙ୍କ ଏତାଦୃଶ ଚଢ଼ାଉ ଅଞ୍ଚଳରେ ଜୁଆଡ଼ିଙ୍କ ମଧରେ ଭୟ ସୃଷ୍ଟି କରିଛି।

### ଜବତ ଅଜଣା ମୃତଦେହର ପରିଚୟ ମିଳିଲା

ପାରଳାଖେମୁଣ୍ଡି,୯।୧୦(ଡି.ଏନ୍.ଏ.)-ପାରଳାଖେମୁଣ୍ଡିଠାରେ ଚଳିତ ମାସ ୫ ତାରିଖରେ ପୋଲିସ ସ୍ଥାନୀୟ ସୁବାଷ ନଗର ରାସ୍ତାରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ଶବ ସଂରକ୍ଷିତ ଗୃହରେ ରଖିଥିଲା। ଏହି ଖବର ଚାରିଆଡେ ପ୍ରଚାର ହେବା ପରେ ମୃତ ବ୍ୟକ୍ତିର ପରିଚୟ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଯାଜପୁର ଗ୍ରାମର ପନ୍ନା ସଇଂସା ବୋଲି ଜଣାପଡ଼ିଛି। ପରିବାର ଲୋକେ ଚିହ୍ନଟ କରିବା ପରେ ପୋଲିସ ମୃତଦେହ ହସ୍ତାନ୍ତ କରିଛି।

# ନନ୍ଦାହାଣ୍ଡିରେ ଝାଡ଼ାବାନ୍ତି ଲେଉଟାଣି ବଢ଼ାଉଛି ଚିନ୍ତା

## ଆକ୍ରାନ୍ତଙ୍କ ସଂଖ୍ୟା ୧୫କୁ ବୃଦ୍ଧି

ନବରଙ୍ଗପୁର/ନନ୍ଦାହାଣ୍ଡି, ୯।୧୦(ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବି.ମାଳିଗୁଡା ଗ୍ରାମରେ ଝାଡ଼ାବାନ୍ତି ଲେଉଟାଣି ଚିନ୍ତା ବଢ଼ାଇଛି। ଶୁକ୍ରବାର ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୮ ଥିବାବେଳେ ରବିବାର ତାହା ବୃଦ୍ଧିପାଇ ୧୫ ରେ ପହଞ୍ଚିଛି। ପ୍ରଥମେ ଶୁକ୍ରବାର ୬ ଜଣ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ଆଉ ୨ ଆକ୍ରାନ୍ତ ଭର୍ତ୍ତି ହୋଇଥିଲେ। ତେବେ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିଲେ ମଧ ଏହାକୁ ନିୟନ୍ତ୍ରଣ କରିବାକୁ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ପ୍ରସ୍ତୁତ ରହିଛନ୍ତି। ଲୋକେ ଗୁରୁତର ହେବା ପୂର୍ବରୁ ସେମାନଙ୍କୁ ଚିକିତ୍ସା କରିବା ନିମନ୍ତେ ସତର୍କ ଥିବା ଜଣାପଡ଼ିଛି।

ଗାଁ ଅଙ୍ଗନୱାଡି କେନ୍ଦ୍ରରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ବ୍ୟବସ୍ଥା କରାଯାଇଛି। ଡା. ସୁଶାନ୍ତ ଜେନା, ଡା. ଉମାଶଙ୍କର ଚଇନି, ବିପିଏମ୍ ସୁଧାଂଶୁ ତ୍ରିପାଠୀ, ସିଏଚ୍ଇଓ ସଙ୍ଗୀତା ପାତ୍ର, ଫାର୍ମାସିଷ୍ଟ ସୁଧୀର ପାଣିଗ୍ରାହୀ ଏକ ଟିମ୍ ଗଠନ କରି ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ପ୍ରୟାସ ଚଳାଇଛନ୍ତି। ଗାଁରେ ଥିବା ହୋଟେଲ ଗୁଡ଼ିକୁ କିଛି ଦିନ ପାଇଁ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଡାକ୍ତରୀ ଟିମ୍ ଘର ଘର ବୁଲି ଓଆର୍ଏସ ଏବଂ ହାଲୋଜେନ ବଟିକା ବଣ୍ଟନ କରିବା ସହ ଏହାର ବ୍ୟବହାର କରିବା ବିଷୟରେ ଲୋକଙ୍କୁ ବୁଝାଉଛନ୍ତି। ଗାଁର ବିଭିନ୍ନ ସ୍ଥାନରୁ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ସମସ୍ତ ଆକ୍ରାନ୍ତଙ୍କ ଠାରୁ ରେକ୍ଟାଲ ସ୍ୱାବ୍ ସଂଗ୍ରହ କରାଯାଇଛି। ରିପୋଟ ଆସିବା ପରେ ଝାଡ଼ାବାନ୍ତିର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସିଡିଏମ୍ଓ ଡା. କାଳୀ ପ୍ରସାଦ ବେହେରା ସୂଚନା ଦେଇଛନ୍ତି।


ଗାଁରେ ଡାକ୍ତରୀ ଟିମ୍ ଲୋକଙ୍କୁ ସଚେତନ କରୁଛନ୍ତି।

# ବୃକ୍ଷ ରୂପରେ ପୂଜା ପାଇବାକୁ ତୁଳସୀଙ୍କୁ ମିଳିଥିଲା ବର

ଉମରକୋଟ,୯।୧୦(ସ୍ୱ.ପ୍ର.)

କୁମାର ପୂର୍ଣ୍ଣିମାରେ ଧରାବତରଣ କରିଛନ୍ତି ମା' ଗଜଲକ୍ଷ୍ମୀ। ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କ ଭାଦ୍ରବ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ପୂଜା ଜହ୍ନି ଓଷାରେ ଉଦ୍‌ଯାପିତ ହୋଇଛି। ବିଭିନ୍ନ ମଣ୍ଡପରେ ଧୂମଧାମରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ। କୁମାରୀମାନେ ସକାଳୁ ଗାଧୋଇ ନୂଆବସ୍ତ୍ର ପିନ୍ଧି ଗୁଆ, ଖଇ, ଫଳ, ପୁଷ୍ପାଞ୍ଜଳି ଟେକି ସୂର୍ଯ୍ୟଙ୍କୁ ଉପାସନା କରି ସନ୍ଧ୍ୟାରେ ତୁଳସୀ ଚଉରା ମୂଳରେ ଜହ୍ନି ଫୁଲରେ କୋଠି ଚାଉଳ ପିଠଉରେ ଜହ୍ନ ତିଆରି କରି କଳସ ସ୍ଥାପନା କରି ପୂଜା କରନ୍ତି। ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର, କାକୁଡ଼ି, ତାଳସଜ, ମହୁ, ଅଦା, ଘିଅ, ଆଖୁ, ଗଜା ମୁଗ, ସେଓ, ଚିନିରେ ପ୍ରସ୍ତୁତ ଚକଟାରେ ଚାନ୍ଦ ତିଆରି ହୁଏ। ପୁରାଣ ଅନୁସାରେ ଦେବୀ ତୁଳସୀ ଜଣେ ପରମ ପତିବ୍ରତା ନାରୀ ଥିଲେ। ତାଙ୍କର ପତିବ୍ରତା ଗୁଣ ଯୋଗୁ ତାଙ୍କୁ ବୃକ୍ଷ ରୂପରେ ପୂଜା ପାଇବା ନେଇ ବର ମିଳିଥିଲା। ସବୁ ସମୟରେ କୁମାରୀମାନେ ଉତ୍ତମ ବର ପାଇବା ପାଇଁ ଓ ବିବାହିତା ନାରୀମାନେ ନିଜ ସ୍ୱାମୀଙ୍କ ସୁଖ ସମୃଦ୍ଧି ପାଇଁ ଚଉରା ପୂଜା କରନ୍ତି। କୁମାରପୂର୍ଣ୍ଣିମା ଗୀତ ଏବଂ କୁମାରୀଙ୍କ ପୂଜାର୍ଚ୍ଚନା ପରେ ନାଚଗୀତର ଆସର ଜମେ। କୁମାରମାନେ କବାଡି, ପଶାଖେଳରେ ମଜ୍ଜି ରହନ୍ତି। କୁମାରୀମାନେ ଲୁଚକାଳି, ପୁଚିଖେଳି ସାରା ରାତି ବିତାଇ ଦିଅନ୍ତି। କୁମାରୀଙ୍କ କୁଆଁର ପୁନେଇଁ ଜହ୍ନ ଲୋ ଫୁଲ ବଉଳବେଣୀ ଗୀତରେ ପରିବେଶ ମୁଖରିତ ହୋଇପଡେ ।


କୁମାର ପୂର୍ଣ୍ଣିମା ଅବସରରେ ମହିଳାମାନେ ଚଉରାମୂଳେ ପୂଜା କରୁଛନ୍ତି।

# ସତର୍କ ସଙ୍କେତରେ ବଂଶଧାରା ନଦୀଜଳ

ପାରଳାଖେମୁଣ୍ଡି,୯।୧୦(ଡି.ଏନ୍.ଏ.)

ସତର୍କ ସଂକେତରେ ପ୍ରବାହିତ ହେଉଛି ବଂଶଧାରା ନଦୀ ଜଳ। ରବିବାର ସକାଳେ କାଶୀନଗରଠାରେ ଜଳସ୍ତର ବୃଦ୍ଧି ପାଇ ସତର୍କ ସଂକେତ ୫୩.୬୦ ମିରେ ପହଞ୍ଚିଛି। ଏଠାରେ ବିପଦ ସଂକେତ ୫୪.୬୦ମି ଥିବା ବେଳେ ଉପର ମୁଣ୍ଡରେ ବର୍ଷାର ପରିମାଣ ଅଧିକ ଥିବାରୁ ଜଳସ୍ତର ବୃଦ୍ଧି ପାଇଛି। ସେପଟେ ବୃଦ୍ଧି ପାଉଥିବା ଜଳସ୍ତରକୁ ନଜରରେ ରଖି ଆନ୍ଧ୍ରର ଗୋଟା ବ୍ୟାରେଜର ସମସ୍ତ ଗେଟ ୨ରୁ ୩ଏମ୍ ଖୋଲାଯାଇ ଥିବା ବେଳେ ୧୪୫ସିଏସ୍ ଜଳ ନିଷ୍କାସିତ ହେଉଥିବାର ସୂଚନା ମିଳିଛି। ଯଦି ବର୍ଷାର ପରିମାଣ ଆହୁରି ବୃଦ୍ଧି ପାଏ କିମ୍ବା ଉପରେ ମୁଣ୍ଡରେ ବର୍ଷା ଲାଗି ରହେ ତା'ହେଲେ କାଶୀନଗର ବିଜ୍ଞାପିତ ପରିଷଦ ଅଞ୍ଚଳ ସମେତ ୧୧ ପଞ୍ଚାୟତ ଓ ରାୟଗଡ଼ା ଜିଲାର ଗୁଣୁପୁର ସବଡିଭିଜନ ପ୍ରଭାବିତ ହେବା ଆଶଙ୍କା ରହିଛି। ଗଜପତି ଜିଲାର କାଶୀନଗର ନଦୀ ତଟ ଗ୍ରାମ ବୁଦୁରା, ଇଦୁଡି, ଖାଣ୍ଡବା, ସାରା, ବାଡିଗାଁ ଆଦି ଗ୍ରାମ ଗୁଡିକରେ ପ୍ରଶାସନ ସଚେତନ କରୁଛନ୍ତି। ବ୍ଲକ ପ୍ରଶାସନ, ରାଜସ୍ୱ ବିଭାଗ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନଦୀତଟ ଗ୍ରାମାଞ୍ଚଳ ବାରମ୍ବାର ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରିବା ସହ ଜନସଚେତନତା ସୃଷ୍ଟି କରୁଥିବାର ଜଣାପଡ଼ିଛି।

# ଗୋପବନ୍ଧୁଙ୍କ ୧୪୫ ତମ ଜୟନ୍ତୀ ପାଳିତ

ରାୟଗଡ଼ା ଅଫିସ,୯।୧୦

ରାୟଗଡ଼ା ଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ନରେନ୍ଦ୍ର କୁମାର ମହାନ୍ତି, ସାହିତ୍ୟିକ ଆଶୁତୋଷ ପାତ୍ର, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନଙ୍କ ସମେତ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି, ପୌର କର୍ମଚାରୀ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଗୋପବନ୍ଧୁଙ୍କୁ ମନେ ପକାଇଥିଲେ। ତାଙ୍କର ଆଦର୍ଶ ଜୀବନ ଓ ମାନବବାଦୀ ଭାବଧାରା ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ ବୋଲି ମତବ୍ୟକ୍ତ କରିଥିଲେ।



# କେଶବଙ୍କ ଚିକିତ୍ସାରେ ଅର୍ଥ ବାଧକ, ସରକାରୀ ସହାୟତା ଦାବି

ତେନ୍ତୁଲିଖୁଣ୍ଟି, ୯।୧୦(ଡି.ଏନ୍.ଏ.)

ଖେଳିବା ଦୌଡ଼ିବା ବୟସରେ କଥା କହି ପାରୁନାହାନ୍ତି କି ଠିକ୍‌ଭାବେ ଠିଆ ହୋଇ ପାରୁ ନାହାନ୍ତି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ମଞ୍ଜାଗାଁ ପଞ୍ଚାୟତ ବାରିଆଘାଟ ଗ୍ରାମର ଦୈତାରି ମୁଦୁଲିଙ୍କ ପୁଅ କେଶବ ରୋଗ କାରଣରୁ ଏଭଳି କଷ୍ଟ ପାଉଛନ୍ତି। ୬ ବର୍ଷର କେଶବ ସେରେବ୍ରାଲ ପାଲ୍‌ସୀ ରୋଗରେ ଆକ୍ରାନ୍ତ। ବାପା ଦୈତାରିଙ୍କ ପାଖରେ ଅର୍ଥ ନ ଥିବାରୁ ପୁଅ କେଶବଙ୍କ ଚିକିତ୍ସା କରାଇ ପାରୁ ନାହାନ୍ତି। ତେଣୁ ସରାକାରୀ ସହାୟତା ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି।

ବୟସ ବଢ଼ିବା ସହ କେଶବଙ୍କ ରୋଗ ଏବଂ ଅସୁସ୍ଥତା ବଢ଼ିବାରେ ଲାଗିଛି। ମା', ବାପା ମଧ ପୁଅ ଚିନ୍ତାରେ ଭାଙ୍ଗି ପଡ଼ିଲେଣି। ୬ ବର୍ଷ ହେଲା ପୁଅର ଚିକିତ୍ସା ପାଇଁ ସଂଘର୍ଷ କରୁଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ସୁବିଧା ପାଇପାରି ନ ଥିବା ଦୈତାରି କହିଛନ୍ତି। ସେରେବ୍ରାଲ ପାଲ୍‌ସୀ ରୋଗୀ ବୋଲି କେବଳ ୪୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ରଟିଏ ମିଳିଛି। ରୋଗ ଜଣାପଡ଼ିବା ପରେ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେଶବଙ୍କ ଚିକିତ୍ସା କରାଯାଇଥିଲା। ଏହାପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ କିଛି ଦିନ ରହିବା ପରେ ଘରକୁ ଫେରି ଆସିଛନ୍ତି। ହେଲେ ପୁଅର ସ୍ୱାସ୍ଥାବସ୍ଥାରେ ସୁଧାର ଆସିନାହିଁ। ପୁଅର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ତେନ୍ତୁଲିଖୁଣ୍ଟି ବ୍ଲକ ଅଫିସ ସମେତ ଅନେକ ଲୋକଙ୍କୁ ଜଣାଇଥିଲେ ମଧ ସହାୟତା ମିଳିପାରିନି। ପାଖରେ ଅର୍ଥ ନ ଥିବାରୁ ଭଲ ଡାକ୍ତରଖାନାକୁ ନେବାରେ ସମର୍ଥ ହୋଇପାରୁ ନାହାନ୍ତି। ରୋଜଗାର ଟଙ୍କାରେ ୫ ପ୍ରାଣୀ କୁଟୁମ୍ବ ଚଳିବା କଷ୍ଟକର ହେଉଛି ବୋଲି ଦୈତାରି କହିଛନ୍ତି। ଏଥିସହ ପୁଅର ଚିକିତ୍ସା ପାଇଁ ସହାୟତା ଯୋଗାଇଦେବାକୁ ଦୈତରି ପ୍ରଶାସନ ଓ ସରକାରଙ୍କୁ ନିବେଦନ କରିଛନ୍ତି।



## ବିଭିନ୍ନ ସ୍ଥାନରେ ମହମ୍ମଦ ଜୟନ୍ତୀ ପାଳିତ

### ଉମରକୋଟରେ ଭାଇଚାରାର ବାର୍ତ୍ତା

ଉମରକୋଟ,୯।୧୦(ସ୍ୱ.ପ୍ର)

ଉମରକୋଟ ଆଞ୍ଜୁମାନ ଇସ୍ଲାମିୟା କମିଟି ପକ୍ଷରୁ ଧୂମଧାମରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାଇଚାରାର ଏହି ସହରରେ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକେ ଭାଇଚାରାର ସହ ଏହି ପର୍ବ ପାଳିଥିଲେ। ଉମରକୋଟ ଅଞ୍ଚଳର ସମସ୍ତ ମୁସଲମାନ ଧର୍ମାବଲମ୍ବୀ ସ୍ଥାନୀୟ ମସଜିଦ ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ସମୟରେ ଉମରକୋଟ ଦୈନିକ ବଜାର କମିଟିର ହିନ୍ଦୁ ଧର୍ମର ଲୋକେ ମୁସଲମାନ ଧର୍ମାବଲମ୍ବୀଙ୍କୁ ସରବତ ବାଣ୍ଟିଥିବା ବେଳେ ମୁସଲମାନ ଲୋକେ ହିନ୍ଦୁମାନଙ୍କୁ କେକ୍ ବାଣ୍ଟି ଭାଇଚାରାର ବାର୍ତ୍ତା ଦେଇଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଧର୍ମଯାଜକ ମାନେ ସନ୍ଧ୍ୟାରେ ପ୍ରବଚନ ସଭାରେ ଯୋଗଦେଇ ଇସଲାମ ଧର୍ମ ବିଷୟରେ ମହତବାଣୀ ଶୁଣାଇଥିଲେ। ପ୍ରବଚନ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇଦ୍ରାବାଦରୁ ସାୟଦ ସର୍ଗିଲ, ଇମାମ କାଦ୍ରି ଏବଂ ଉତ୍ତର ପ୍ରଦେଶ ରୁ ମହମ୍ମଦ ଜମାଲ ମୁସ୍ତଫା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହାଇଦ୍ରାବାଦରୁ ଆସିଥିବା ଧର୍ମଗୁରୁ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମ ଉମରକୋଟ ଆଞ୍ଜୁମାନ ଇସ୍ଲାମିୟା କମିଟି ସଭାପତି ଖାଲିଦ ତନଭୀର ଜିଲାନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା । ସମ୍ପାଦକ ଉମର ହିଂଗୋରା, ପୂର୍ବତନ ସଭାପତି ସଲିମ୍ ରାଠୋର, ଉପସଭାପତି ନାସିର ଉଲ୍ଲା ସୁଫି, ଅଲ୍ଲୀ ଲାଠିଆ, ଶେଖ୍ ସଲିମ୍ ଏବଂ ଯୁଗ୍ମ ସମ୍ପାଦକ ଅନିତ ସୁନ୍ନି ପ୍ରମୁଖ ସହଯୋଗ କରିଥିଲେ।


ଉମରକୋଟ ଦୈନିକ ବଜାର କମିଟି ପକ୍ଷରୁ ମୁସଲମାନ ଧର୍ମାବଲମ୍ବୀଙ୍କୁ ସରବତ୍ ବଣ୍ଟନ କରାଯାଉଛି ।

### ମହମ୍ମଦଙ୍କ ଜୟନ୍ତୀରେ ବିଶ୍ୱବାସୀଙ୍କ ପାଇଁ ପ୍ରାର୍ଥନା

ରାଇଘର(ଡି.ଏନ.ଏ.)୯।୧୦

ରାଇଘର ମସଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଶତାଧିକ ମୁସଲମାନ ଧର୍ମାବଲମ୍ବୀ ବିରାଟ ଶୋଭାଯାତ୍ରାରେ ମସଜିଦକୁ ଯାଇ ଜୟନ୍ତୀ ଉତ୍ସବ ପାଳନ କରିଥିଲେ। ଅଞ୍ଜୁମାନ ଇସଲାମିୟା କମିଟିର ସଭାପତି ହଜିବୁଲା ଅଂଶାରୀଙ୍କ ଦ୍ୱାରା ରାଇଘର ମସଜିଦ ପରିସରରେ ଧାର୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ମୌଲାନା ମକସୁଦ କାଦରୀଙ୍କ ପୌରହିତ୍ୟରେ ଫାତିହା ପାଠ କରାଯାଇଥିଲା। ଏହି ଅବସରରେ ବିଶ୍ୱବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ମୋହରା ସୁନ୍ନି ମୁସଲିମ କମିଟିର ସଭାପତି ହଜିବୁଲା ଅଂଶାରୀ, ସମ୍ପାଦକ ସୟଦ ଇକବାଲ ହକ୍, ହଜିବ୍ ସଲିମ, ଇଜାରୁଲ ହକ, ମହମ୍ମଦ ଅଜଗର, ମହମ୍ମଦ ଇଦିରିସ, ମହମ୍ମଦ ଆସଲମ, ୟୁନୁସ ରାଠୋର, ଅନୱର ଆଲାମ, ଇକ୍ରାମୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ। ୧୪ ରେ ମସଜିଦ ପରିସରରେ ଏକ ଧର୍ମସଭା ଅନୁଷ୍ଠିତ ହେବ। ଏଥିରେ ନେପାଳରୁ ଇବ୍ରାହିମ ରାଜା ଚତୁର୍ବେଦୀ ଯୋଗଦେଇ ପ୍ରବଚନ ଦେବା କାର୍ଯ୍ୟକ୍ରମ ରହିଛି।

### ମୁନିଗୁଡ଼ାରେ ମହମ୍ମଦ ଜୟନ୍ତୀ ପାଳିତ

ମୁନିଗୁଡ଼ା,୯।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ଠାରେ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ପକ୍ଷରୁ ମହମ୍ମଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମୁନିଗୁଡ଼ା ଜାମା ମସ୍‌ଜିଦ ସଂଘର ସଭାପତି ମହମ୍ମଦ ଆୟୁବଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମସ୍‌ଜିଦ ଠାରେ ପହଞ୍ଚିଥିଲା। ସେଠାରେ ମୁଖ୍ୟ ହାପିସାହବ ମହମ୍ମଦ ଜାକାଉଲ୍ଲାଙ୍କ ତତ୍ତ୍ୱାବଧାନରେ ସାମୂହିକ ନମାଜ ପାଠ କରାଯାଇଥିଲା। ଏଥିସହ ମହମ୍ମଦ ଜୟନ୍ତୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ ସଂଘ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଜାମା ମସଜିଦସଂଘର ଅବଦୁଲରେହେମାନ, କାରାମତହୁସେନ, ଏମ୍.ୟାସିନ, ଏମଫାରୁକ, ଏମ୍‌ଡି. ଶୁକ୍ରୁ, ଏମ୍‌ଡି. ଆରିଫ୍ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନ ଓ ସହଯୋଗ କରିଥିଲେ।

### ଚନ୍ଦାହାଣ୍ଡିରେ ସାମୂହିକ ପ୍ରାର୍ଥନା

ଚନ୍ଦାହାଣ୍ଡି,୯।୧୦(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମୋହରା ଏବଂ ବେହେରାମୁଣ୍ଡା ଜାମା ମସ୍‌ଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ତଥା ଜସ୍ନେ-ଇଦ୍-ମିଲାଦୁନ-ନବୀ ପାଳିତ ହୋଇଯାଇଛି। ମୋହରା ମସ୍‌ଜିଦ ପରିସରରେ ଅଞ୍ଜୁମାନ ଇସଲାମିୟା କମିଟିର ସଭାପତି ସୁଲତାନ ଅଲ୍ଲୀଙ୍କ ଦ୍ୱାରା ଧାର୍ମିକ ପତାକା ଉତ୍ତୋଳନ କରାଯାଇଥିବା ବେଳେ ମୌଲାନା ମହମ୍ମଦ ସଲମାନ ରଜା ହବିବିଙ୍କ ପୋରହିତ୍ୟରେ ଫାତିହା ପାଠ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଶ୍ୱବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଏହାପରେ ପରସ୍ପରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ମୋହରା ସୁନ୍ନି ମୁସଲିମ କମିଟିର ସଭାପତି ସୁଲତାନ ଅଲ୍ଲୀ, ସମ୍ପାଦକ ମହମ୍ମଦ ସକିଲ, ଉପସଭାପତି ମୁରାଦ ଅଲ୍ଲୀ, କୋଷାଧ୍ୟକ୍ଷ ମହମ୍ମଦ ଇଲିୟାସ, ଜିବ୍ରାଇଲ ଅଲ୍ଲୀ, ମହମ୍ମଦ ୟୁନୁସ, ଅବଦୁଲ ହମିଦ, ହାଜି ମହମ୍ମଦ ରଫିକ, ମହମ୍ମଦ ହନିଫ୍, ମହମ୍ମଦ ସଫିକ୍, ମୁରାଦୁ ଅଲ୍ଲୀ, ଆକବର ଅଲ୍ଲୀ, ଅବଦୁଲ ମଜିଦ୍, ଅବଦୁଲ କୟୁମ, ଅବଦୁଲ ହବିବ୍, ମହମ୍ମଦ ରିଜୱାନ, ମକବୁଲ ଅଲ୍ଲୀ, ରେହେମାନ ଅଲ୍ଲୀ, ସାହାଦତ ଅଲ୍ଲୀ, ଖଲିଲ ଅଲ୍ଲୀ, ହୁସେନ ଅଲ୍ଲୀ, ଅସପାକ, ସାହିଲ, ମୋହସିନ, ସହେଜାଦ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ମସ୍‌ଜିଦ ପରିସରରେ ଏକ ଧର୍ମସଭା ଅନୁଷ୍ଠିତ ହେବ। ଏଥିରେ ଉତ୍ତର ପ୍ରଦେଶରୁ ମୁଫ୍ତି ଅଖତର ହୁସେନ ଅଲିମି, କାରୀ ଜୈନୁଦ୍ଦିନ ହବିବି ଏବଂ କଲିକତାରୁ ସାୟରେ ଇସଲାମ ଅସଦ ଇକବାଲ ଓ ଆଫତାବ ରହେବର ଯୋଗଦେଇ ପ୍ରବଚନ ଦେବା କାର୍ଯ୍ୟକ୍ରମ ରହିଛି।

### ଇଦ୍ ମିଲାଦୁନ ନବୀ ପାଳିତ

ପାପଡ଼ାହାଣ୍ଡି,୯।୧୦(ଡି.ଏନ୍.ଏ.)

ଇସଲାମ ଧର୍ମଗୁରୁ ପ୍ରୋଫେଟ ମହମ୍ମଦଙ୍କ ଜୟନ୍ତୀ ରବିବାର ପାପଡ଼ାହାଣ୍ଡି ମସ୍‌ଜିଦ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସୁନି ରାଜା ଜାମା ମସ୍‌ଜିଦ କମିଟି ତରଫରୁ ମସ୍‌ଜିଦରେ ସମସ୍ତଙ୍କ ପାଇଁ ପ୍ରାର୍ଥନା କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ସମସ୍ତେ ଗ୍ରାମ ପରିକ୍ରମା କରିଥିଲେ। ମସ୍‌ଜିଦରେ ପହଞ୍ଚି ପରସ୍ପରକୁ ଇଦ୍ ମିଲାଦୁନ ନବୀର ଶୁଭେଚ୍ଛା ଜଣାଇଥିଲେ। ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ଏହି ଅବସରରେ କମିଟିର ସଭାପତି ଅବଦୁଲ ୱାହାବ ଖାନ, ଶେଖ ଗୁଲାମ ହୁସେନ, ଲାଲ ମହମ୍ମଦ ଖାନ, ଏମ୍‌ଡି. ରିଜ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମସ୍‌ଜିଦର କୁନି କୁନି ପିଲାଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା।

## ସଂକ୍ଷେପରେ

### ତଣ୍ଡାଗୁଡ଼ାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ



ପାପଡ଼ାହାଣ୍ଡି,୯।୧୦(ଡି.ଏନ୍.ଏ.)ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତଣ୍ଡାଗୁଡ଼ା ଠାରେ ରବିବାର ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଗ୍ରାମର ମହିଳାମାନେ ନିକଟସ୍ଥ ପୋଖରୀରୁ କଳସରେ ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲେ। ଏଥିରେ ଡାବୁଗାଁ ବିଧାୟକ ମନହୋର ରନ୍ଧାରି, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ସରପଞ୍ଚ ଚନ୍ଦ୍ର ଶେଖର ମାଝି, ପ୍ରହଲ୍ଲାଦ଼ ଅଗ୍ରୱାଲ, ସୁରି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଦୁଇ ବାଇକ ମଧରେ ଦୁର୍ଘଟଣା, ୩ ଗୁରୁତର

ଚନ୍ଦାହାଣ୍ଡି ୯।୧୦(ଡି.ଏନ୍.ଏ.)- ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରିଗୁଡ଼ା ପଞ୍ଚାୟତର ମୋତିଗାଁ ଏବଂ ଗମ୍ଭାରିଗୁଡ଼ା ମୁଖ୍ୟରାସ୍ତା ବୁଲାଣି ଠାରେ ରବିବାର ଦୁଇ ବାଇକ୍ ମଧରେ ଦୁର୍ଘଟଣା ଘଟି ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଫୁଣ୍ଡେଲପଡା ଗ୍ରାମର ଇଡି ଗୌଡ଼(୫୫), ଗମ୍ଭାରିଗୁଡ଼ା ଗ୍ରାମର ସଞ୍ଜୟ ଗୌଡ଼(୩୦) ଏବଂ ଛତିଶଗଡ଼ ଦାବିରିଗୁଡ଼ା ଗ୍ରାମର ଘେନୁ ଯାଦବ। ଇଡି ଏବଂ ଘେନୁ ବାଇକ ଯୋଗେ ଫୁଣ୍ଡେଲପଡାରୁ ମୋତିଗାଁ କୌଣସି କାମରେ ଯିବା ସମୟରେ ଚନ୍ଦାହାଣ୍ଡି ଦିଗରୁ ସଞ୍ଜୟ ଏବଂ ଅନ୍ୟ ୨ ଜଣ ବ୍ୟକ୍ତି ଆସୁଥିବାବେଳେ ତାଙ୍କ ବାଇକ୍ ସହ ମୋତିଗାଁ ବୁଲାଣିଆ ଠାରେ ଧକ୍କା ହୋଇଥିଲା। ସମସ୍ତ ଗୁରୁତରଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ଉମରକୋଟ ସ୍ଥାନାନ୍ତର କରାଯାଇଛି। ଏ ନେଇ ଚନ୍ଦାହାଣ୍ଡି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି।

### ଜୁଆ ଖେଳୁଥିବାବେଳେ ଧରାପଡ଼ିଲେ ୭

**ବ୍ରହ୍ମପୁର ଅଫିସ,୯।୧୦:** ପାର୍ବଣ ଋତୁ ଆରମ୍ଭ ହେଲେ ଜିଲାରେ ଜୁଆ ଆସର ଜମିଥାଏ। ଦଶହରାଠାରୁ କୁମାର ପୂର୍ଣ୍ଣିମା ମଧରେ ପ୍ରତ୍ୟେକ ସ୍ଥାନରେ ପରମ୍ପରା ଅନୁଯାୟୀ ଜୁଆ ଖେଳ ଅଧିକାଂଶ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। ଜୁଆ ଖେଳ ବେଆଇନ ହୋଇଥିବାରୁ ପୋଲିସ ସେମାନଙ୍କୁ ଧରିବା ପାଇଁ ପ୍ରସ୍ତୁତ ରହିଥାଏ। ଏହି ଧାରାରେ ବ୍ରହ୍ମପୁର ସଦର ଥାନା ପୋଲିସ ଜଗଦଲପୁର ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ରବିବାର ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଥିଲା। ସେହିପରି ଘଟଣା ସ୍ଥଳରୁ ୨୩,୪୦୦ ଟଙ୍କା, ୨ଟି ମୋବାଇଲ ଫୋନ ଓ ଖେଳ ପ୍ରସ୍ତୁତ ସରଞ୍ଜାମ ଜବତ କରିଥିବା କହିଛି। ମାମଲା ନମ୍ବର ୪୭୫/୨୨ରେ ସମସ୍ତଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି। ପରେ ସେମାନଙ୍କୁ ଧାରା ୪୧ ସିଆରପିସିରେ ଜାମିନ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

### ସୋନାଲି ଗନ୍ତାୟତ ମହିଳା ବିଜେଡି ସଂଗଠନ ସଭାନେତ୍ରୀ

**ବ୍ରହ୍ମପୁର ଅଫିସ,୯।୧୦:** ବ୍ରହ୍ମପୁର ମହାନଗର ମହିଳା ବିଜେଡି ସଂଗଠନ ପୁନର୍ଗଠନ ହୋଇଛି। ସୋନାଲି ଗନ୍ତାୟତ ପୁଣି ସଭାନେତ୍ରୀ ହୋଇଛନ୍ତି। ୭ ଜଣ ଉପସଭାନେତ୍ରୀ ହୋଇଥିବା ବେଳେ ସାଧାରଣ ସମ୍ପାଦିକା ହୋଇଛନ୍ତି ୧୨ ଜଣ। ୧୫ ଜଣଙ୍କ ନାଁ ସମ୍ପାଦିକା ଭାବେ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ମହିଳା ବିଜେଡି ସଭାନେତ୍ରୀ ଅଛନ୍ତି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ। ତେବେ କେବଳ ମହାନଗରକୁ ନେଇ ମହିଳା ବିଜେଡିର ସ୍ୱତନ୍ତ୍ର ସାଙ୍ଗଠନିକ ଜିଲା ହୋଇଛି। ମହିଳା ବିଜେଡି ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ନୂଆ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଜିଲାର ବ୍ରହ୍ମପୁର ମହାନଗରରେ ବିଜେଡିର ମହିଳା ସଂଗଠନକୁ ଅଧିକ କ୍ରିୟାଶୀଳ କରାଯିବାର ସଭାନେତ୍ରୀ ସୂଚାଇଛନ୍ତି। ୪୨ୱାର୍ଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଯିବ। ବିଜେଡି ପ୍ରତି ଆନୁଗତ୍ୟ ପାଇଁ ପ୍ରୟାସ କରାଯିବାକୁ ସଂଗଠନ ପକ୍ଷରୁ କୁହାଯାଇଛି। ଦଳର କେତେକ ପୂର୍ବତନ ମହିଳା କର୍ପୋରେଟର କର୍ମକର୍ତ୍ତା ହୋଇଥିବାରୁ ସଂଗଠନ ଅଧିକ ସୁଦୃଢ଼ ହେବାର ଆଶା ପ୍ରକଟ କରାଯାଇଛି।

# ସାନିଟେଶନ ଅଧିକାରୀଙ୍କୁ ରିପୋର୍ଟ ତଲବ

■ ବିଏମ୍‌ସିରେ ଜିଲାପାଳଙ୍କ ସମୀକ୍ଷା
■ ସ୍ୱଚ୍ଛତାରେ ତୃତୀୟ

ବ୍ରହ୍ମପୁର ଅଫିସ,୯।୧୦

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କିଭଳି ଠିକ୍ ସମୟରେ ହୋଇପାରିବ ସେ ନେଇ ରବିବାର ବିଏମ୍‌ସି ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ସହରର ପରିମଳ ବ୍ୟବସ୍ଥାକୁ ନେଇ ସମୀକ୍ଷା କରିଥିଲେ। ଗତ ବର୍ଷ ବିଏମ୍‌ସି ସ୍ୱଚ୍ଛ ସର୍ବେକ୍ଷଣ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚଳିତ ବର୍ଷ ୩ୟ ସ୍ଥାନରେ ରହିଛି। ତେବେ କେଉଁ କାରଣରୁ ୩ୟ ସ୍ଥାନରେ ରହିଲା ସେ ନେଇ ଏକ ରିପୋର୍ଟ ଏକ ସପ୍ତାହ ମଧ୍ୟରେ ସାନିଟେଶନ ବିଭାଗ ଅଧିକାରୀମାନେ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସହରରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ କହିଥିଲେ। ମହାନଗରରେ ପ୍ରତ୍ୟେକ ମାସରେ ୮ କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ ଆଗାମୀ ଦିନରେ ମହାନଗରରେ ଯେଭଳି ୧୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ହେବ ସେ ଦିଗରେ ନିଗମ ଯନ୍ତ୍ରୀମାନେ ପ୍ରସ୍ତୁତ ରହିବା ପାଇଁ କହିଥିଲେ। ଏଥିସହିତ ପରିମଳ ଓ ପୂର୍ତ୍ତ ବିଭାଗ କର୍ମଚାରୀମାନେ ରୋଡ ମ୍ୟାପ ଅନୁଯାୟୀ କାର୍ଯ୍ୟ କଲେ ସମସ୍ୟା ରହିବ ନାହିଁ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି କମିଶନର ଜେ.ସୋନାଲ, ଅତିରିକ୍ତ କମିଶନର ନୀଳମାଧବ ଭୋଇ, ଡେପୁଟି କମିଶନର ଆଶୀର୍ବାଦ ପରିଡା ଓ ନିର୍ବାହୀ ଯନ୍ତ୍ରୀ ବସନ୍ତ ପାଢୀଙ୍କ ସମେତ ବହୁ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଅମିନ ସଂଘର ଜିଲାସ୍ତରୀୟ କାର୍ଯ୍ୟକାରିଣୀ



ବୈଠକ ପାଇଁ ଏକାଠି ହୋଇଥିବା ଅମିନ ସଂଘର ସଦସ୍ୟମାନେ।

ଡାବୁଗାଁ,୯।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ସ୍ଥିତ ପଥପ୍ରାନ୍ତ ଠାରେ ଅମିନ ସଂଘର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଜିଲା ସଂଘ ସଭାପତି ଧୀରେନ କୁମାର ନାୟକଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଅମିନ ସଂଘର ସଭାପତି ମନୋଜ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ଦାବି ଓ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଂଘର ଦାବି ଗୁଡ଼ିକ ମଧ୍ୟରେ ଅମିନଙ୍କ ଗ୍ରେଡ୍ ପେ ୧୮୦୦ ରୁ ୨୮୦୦ ଟଙ୍କାକୁ ବୃଦ୍ଧି, ଅମିନ ପଦବୀକୁ ପରିବର୍ତ୍ତନ କରି ଭୂ-ନିରୀକ୍ଷକ ନାମିତ କରିବା, ମ୍ୟୁଟେସ, ଓଏଲଆର ତଥା ଅନ୍ୟ କାର୍ଯ୍ୟରେ କେବଳ ଅମିନ ମାନେ ହିଁ ଆରଓଆର ଅଫଲାଇନ ସଂଶୋଧନ କରୁଛନ୍ତି। ତେଣୁ ଅନଲାଇନ ସଂଶୋଧନ କାର୍ଯ୍ୟ ରେକର୍ଡ କିପର ଆଇଡି ପରିବର୍ତ୍ତେ ଅମିନ ମାନଙ୍କୁ ସତନ୍ତ୍ର ଆଇଡି ଖୋଲି ଦିଆଯାଉ, ଭୂ-ନକ୍ସା ସଂଶୋଧନ ନିମନ୍ତେ ଅମିନଙ୍କ ପାଇଁ ସତନ୍ତ୍ର ଆଇଡି କରାଯାଉ ପ୍ରଭୃତି ଦାବି ରହିଛି। ଏଥିରେ ଜିଲା ସଂଘ ସମ୍ପାଦକ ଶିବନାଥ ମଣ୍ଡଳ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବିଶୋୟୀ, ହେମନ୍ତ କୁମାର ବିଶୋୟୀ, ଅଜୟ ମଣ୍ଡଳ, ଦେବ ମିସ୍ତ୍ରୀ ଓ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନବରଙ୍ଗପୁରରେ ଖୋଲିଲା ଅସ୍ଥାୟୀ ଗୋଶାଳା

■ ବୁଲାଗୋରୁଙ୍କୁ ଏଠାରେ ରଖାଯିବ
■ ୩ ଦିନରେ ମାଲିକ ନ ନେଲେ ଗୋରୁଙ୍କୁ ଦାନ କରି ଦିଆଯିବ

ନବରଙ୍ଗପୁର,୯।୧୦(ବି.ପ୍ର.)

ନବରଙ୍ଗପୁର ସ୍ଥିତ ସ୍ଥାନୀୟ ଆଶୀର୍ବାଦ କଲ୍ୟାଣ ମଣ୍ଡପରେ ଶନିବାର ଠାରୁ ଅସ୍ଥାୟୀ ଗୋଶାଳା(କାଞ୍ଜିଆ ହୁଦା) ଖୋଲିଛି। ସହର ମଧ ଦେଇ ୨୬ ନମ୍ବର ଜାତୀୟ ରାଜପଥ ଯାଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ବଜାର। ଜନଗହଳି ପୂର୍ଣ୍ଣ ରାସ୍ତା ସହ ପାର୍କିଂ ବ୍ୟବସ୍ଥା ନ ଥିବାରୁ ପ୍ରତ୍ୟେକ ଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଏଭଳି ପରିସ୍ଥିତିରେ ବୁଲା ଗୋରୁ ସନ୍ଧ୍ୟାରେ ରାଜପଥ ତଥା ସହରର ବିଭିନ୍ନ ଛକ ଓ ରାସ୍ତାରେ ଗୋଠ କରି ବସୁଥିବାରୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ଏ ନେଇ ବଣିକ ସଂଘ ଓ ଜନସାଧାରଣ କାଞ୍ଜିଆ ହୁଦା କରି ଗୋରୁଙ୍କୁ ସେଠାରେ ରଖିବା ପାଇଁ ଅନୁରୋଧ କରିଥିଲେ। ଏହାଦ୍ୱାରା ଦୁର୍ଘଟଣା କମିବା ସହ ଗୋରୁମାନେ ମଧ ସୁରକ୍ଷିତ ରହିବେ ବୋଲି ମତପ୍ରକାଶ ପାଇଥିଲା। ଜିଲାପାଳ କମଳ ଲୋଚନ ମିଶ୍ର ଏହାକୁ ଗୁରୁତର ସହ ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ପୌର ପ୍ରଶାସନ ପକ୍ଷରୁ ଅସ୍ଥାୟୀ କାଞ୍ଜିଆ ହୁଦା କରାଯାଇଛି। ଏଠାରେ ଗୋରୁମାନଙ୍କୁ ୩ ଥର ଖାଇବାକୁ ଦିଆଯିବାକୁ ପଦକ୍ଷପ ନିଆଯାଇଛି।



ନବରଙ୍ଗପୁରରେ ଖୋଲିଥିବା ଅସ୍ଥାୟୀ ଗୋଶାଳା ।

ସୂଚନାଯେଗ୍ୟେ, ଦୀର୍ଘ ଦିନ ହେଲା ନବରଙ୍ଗପୁର ପୌରାଞ୍ଚଳ ବାସୀ ଏହି ଦାବି କରି ଆସୁଥିଲେ। ଏହା ବ୍ୟତୀତ ଗୋରୁ ମାଲିକମାନେ ଗୃହପାଳିତ ପଶୁଙ୍କୁ ରାସ୍ତାରେ ଛାଡ଼ିଲେ ଦୈନିକ ୧୦୦୦ ଟଙ୍କା ଫାଇନ୍‌ର ବ୍ୟବସ୍ଥା ମଧ କରାଯାଇଛି। ଏହି ଗୋଶାଳାରେ ୩ ଦିନ ଗୋରୁଙ୍କୁ ରଖିବା ପରେ ସହର ଠାରୁ ଦୂର ଗ୍ରାମାଞ୍ଚଳ ଲୋକଙ୍କୁ ଦାନ କରିଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ତେଣୁ ମାଲିକମାନେ ନିଜ ଗୃହପାଳିତ ପଶୁଙ୍କୁ ନିଜ ଦାୟିତ୍ୱରେ ରଖିବାକୁ ପୌରପାଳିକା ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଭଳି ପଦକ୍ଷେପ ପାଇଁ ଜିଲାପାଳ, ପୌରାଧକ୍ଷ କୁନୁ ନାୟକ, ଉପାଧକ୍ଷା ସୌମ୍ୟା ମହାପାତ୍ର ଓ ପୌର ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ସମେତ ସମସ୍ତ କାଉନସିଲରଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

# ଝାଡ଼ାବାନ୍ତି ସ୍ଥିତି ନିୟନ୍ତ୍ରଣ : ସିଡିଏମ୍‌ଓ

## ସତର୍କ ରହିବାକୁ ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୯।୧୦

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି ଗ୍ରାମରେ ଗତ ୧ ତାରିଖରେ ଝାଡ଼ାବାନ୍ତି ବ୍ୟାପିଥିଲା। ପରେ ଦିଗପହଣ୍ଡି ବ୍ଲକର ୩ଟି ଗାଁରେ ବହୁ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ବର୍ତ୍ତମାନ ଲାଠି ପଞ୍ଚାୟତ ବେନ୍ଦାଳିଆ ଗ୍ରାମକୁ ଏହା ବ୍ୟାପିଛି। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ଥିଲେ ସୁଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରତ୍ୟେକ ବ୍ଲକର ମେଡିକାଲ ଅଫିସରଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିବା ଜିଲା ସ୍ୱାସ୍ଥ୍ୟାଧିକାରୀ (ସିଡିଏମ୍‌ଓ) ଡା. ଉମାଶଙ୍କର ମିଶ୍ର ରବିବାର ସୂଚନା ଦେଇଛନ୍ତି। ଦୂଷିତ ପାଣି ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ନେଇ ଡାକ୍ତରୀ ଦଳ ଅନୁମାନ କରୁଛନ୍ତି। ଏଥିପାଇଁ କୁକୁଡ଼ାଖଣ୍ଡି ବ୍ଲକ ଲାଠି, ବେନ୍ଦାଳିଆ ଓ ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରୁ ପାଣି ନମୁନା ସଂଗ୍ରହ କରାଯାଇଛି। ଲାଠି ଗାଁକୁ ପାଇପ୍ ଜଳ ଯୋଗାଣ ବନ୍ଦ କରାଯାଇଛି। ଟ୍ୟାଙ୍କର୍ ଯୋଗେ ପାଣି ଯୋଗାଣ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ପାଣି ବିଶୋଧନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆରଡବ୍ଲୁଏସ୍‌ଏସ୍ ବିଭାଗକୁ କୁହାଯାଇଛି। କୁକୁଡ଼ାଖଣ୍ଡି ବ୍ଲକର ଲାଠି ଗ୍ରାମରେ ପ୍ରଥମେ ଝାଡ଼ାବାନ୍ତି ବ୍ୟାପିଥିଲା। ସରକାରୀ ତଥ୍ୟ ଅନୁସାରେ ଗାଁର ୩୭ଜଣ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ଛୋଟ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ପ୍ରାୟ ୬୦ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଯେଉଁମାନେ ଗୁରୁତର ହୋଇଛନ୍ତି ସେମାନେ ମେଡିକାଲକୁ ଯାଇଛନ୍ତି। ଅନ୍ୟମାନେ ଘରେ ଚିକିତ୍ସିତ ହୋଇଛନ୍ତି। ଏହାପରେ ବେନ୍ଦାଳିଆ ଓ ଦିଗପହଣ୍ଡି ବ୍ଲକ ଭୀଷ୍ମଗିରିରେ ଝାଡ଼ାବାନ୍ତି ବ୍ୟାପିଥିବା ଖବର ମିଳିଥିଲା। ବେନ୍ଦାଳିଆରେ ପ୍ରାୟ ୫ଜଣ ଆକ୍ରାନ୍ତ ହୋଇଥିବା ବେଳେ ଭୀଷ୍ମଗିରିରେ ୧୧ ଆକ୍ରାନ୍ତ ହୋଇଥିଲେ।

# ଗଣ୍ଡ ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ



ଗଣ୍ଡ ସମାଜ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଉମରକୋଟ,୯।୧୦(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଗଣ୍ଡ ସାଂସ୍କୃତିକ ସମାଜ ପକ୍ଷରୁ ଉମରକୋଟ ଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଉମରକୋଟ ଡିଏନ୍‌କେ ଠାରୁ ବାହାରି ସହର ପରିକ୍ରମା କରି କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା। ପରେ କଲ୍ୟାଣ ମଣ୍ଡପରେ ଏକ ବିରାଟ ସଭା ଅନୁଷ୍ଠିତ ହେବା ସହ ଭେଟଘାଟ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଗଣ୍ଡ ସମାଜର ସଭାପତି ପୁନିତ୍‌ରାମ ଗଣ୍ଡ ଏବଂ ରାଜ୍ୟ ଗଣ୍ଡ ସମାଜ ସଂଯୋଜକ ପ୍ରଭାକର ସିଂଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗଣ୍ଡ ସମାଜ ଉପସଭାପତି ମଣିରାମ ଗଣ୍ଡ, ସମଜିକକର୍ମୀ ସନରାଜ ଗଣ୍ଡ, ରାଇଘର ବ୍ଲକ ଅଧକ୍ଷା ନବିନା ନାୟକ, ଉମରକୋଟ ବ୍ଲକ ଅଧକ୍ଷା ସୁଶିଳା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ମାନେ ଗଣ୍ଡ ସମାଜର ଗୌରବମୟ ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ଗଣ୍ଡ ସମାଜର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ନୂଆଁଖାଇ ଭେଟଘାଟ ଉତ୍ସବରେ ଜିଲାର ବିଭିନ୍ନ ଅଞ୍ଚଳରୁ ନେତୃବୃନ୍ଦଙ୍କ ସମେତ ସରକାରୀ ଉଚ୍ଚ ପଦାଧିକାରୀ ପ୍ରମୁଖ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।



ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଠାରେ ଗଜଲକ୍ଷ୍ମୀ ପୂଜା ଅବସରରେ ରବିବାର ବାହାରିଥିବା କଳସ ଶୋଭାଯାତ୍ରା ।

# ଗୁଣ୍ଡୁଚିମୂଷା କହିଯାଇଛି ଚାଉଳ ମୁଠେ...

ଟିକିରି, ୯।୧୦(ଡି.ଏନ.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିର ବେହେରା ସାହି, ଗୌଡ଼ସାହି, ଦୁଡୁକାବାହାଲ ସାହିରେ ରବିବାର କୁମାର ପୂର୍ଣ୍ଣିମା ଉତ୍ସବ ଆନନ୍ଦଉଲ୍ଲାସର ସହ ପାଳିତ ହୋଇଛି। କୁମାରୀମାନଙ୍କ ବଡ ପର୍ବ ରୂପେ ପରିଚିତ ଏହି ଉତ୍ସବ ଇନ୍ଦୁ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିଲା। କୁମାରୀମାନେ ସକାଳୁ ଗାଧୋଇ ନୂଆ ପୋଷାକ ପିନ୍ଧି ଗୁଆ,ଖଇ,ଫଳ,ପୁଷ୍ପରେ ସୂର୍ଯ୍ୟଙ୍କୁ ପୁଷ୍ପାଞ୍ଜଳି ଦେଇ ଜହ୍ନି ଫୁଲରେ କୋଠି ତିଆରି କରିଥିଲେ। କଳସ ସ୍ଥାପନ କରି ଭୂଇଁରେ ଝୋଟି କାଟିଥିଲେ। ଆନନ୍ଦଉଲ୍ଲାସର ବାର୍ତ୍ତା ବହନ କରୁଥିବା ସେମାନଙ୍କ ଏହି ପର୍ବରେ ଜହ୍ନିଫୁଲ ଠୋଠା.. କାକୁଡ଼ି ଫୁଲ ଠୋଠା.. ଗୁଣ୍ଡିଚି ମୂଷା କହିଯାଇଛି ଚାଉଳ ମୁଠେ ଥୋ..ଧ୍ୱନିରେ ଆଖପାଖ ପରିବେଶ ବେଶ୍ ମୁଖରିତ ହୋଇପଡିଥିଲା। ହୁଳହୁଳି ଦେଇ ବନ୍ଦାପନା କରି ସେମାନେ ପୂଜା ସାରି ଗୁରୁଜନମାନଙ୍କ ଆଶୀର୍ବାଦ ନେଇଥିଲେ।



ତୁଳସୀଚଉରା ମୂଳେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

# ଧରାକୋଟର ଐତିହ୍ୟ ଜଗନ୍ନାଥ ମନ୍ଦିର

ବିଷ୍ଣୁ କେଶରୀ ଆଚାର୍ଯ୍ୟ
ଧରାକୋଟ,୯।୧୦

ସମଗ୍ର ଭାରତବର୍ଷର ବିଭିନ୍ନ ସ୍ଥାନରେ ଜଗନ୍ନାଥ ମନ୍ଦିର ରହିଛି। ସେହି ମନ୍ଦିରଗୁଡ଼ିକ ମଧ୍ୟରୁ ମାତ୍ର ୯ଟି ହେଉଛି ବିମାନ ମନ୍ଦିର। ସେଥି ମଧ୍ୟରୁ ଗଞ୍ଜାମ ଜିଲା ଧରାକୋଟ ଜଗନ୍ନାଥ ମନ୍ଦିର ଗୋଟିଏ। ଷୋଡ଼ଶ ଶତାବ୍ଦୀରେ ସ୍ୱର୍ଗତ ରାଜା ରାଜେନ୍ଦ୍ର ସିଂହ ଏହି ମନ୍ଦିର ନିର୍ମାଣର ଶୁଭାରମ୍ଭ କରିଥିବା ବେଳେ ସ୍ୱର୍ଗତ ରାଜା ମଦନ ମୋହନ ସିଂଦେଓ ଏହକୁ ପୂର୍ଣ୍ଣାଙ୍ଗ ରୂପ ଦେଇଥିଲେ। ମନ୍ଦିର ନିର୍ମାଣରେ ମୁଗୁନି ପଥର ରଙ୍ଗ ବ୍ୟବହାର ହୋଇଥିବା ବେଳେ ଏହା ଏକ କୁଞ୍ଜମାଳିନୀ ମନ୍ଦିର। ଏହାର ଚାରିପଟେ ସୁଦୃଢ଼ କଳାମୁଗୁନି ପଥରରେ ତିଆରି ମେଘନାଦ ପାଚେରି ସଦୃଶ ଚାରି ଗୋଟି ଦ୍ୱାର ରହିଛି। ପ୍ରାୟ ଏକ ଏକର ପରିମିତ ଜମି ଉପରେ ଏହି ମନ୍ଦିର ଶୋଭାପାଉଛି। ଏହାର ପାର୍ଶ୍ୱରେ ଚାହାଣି ମଣ୍ଡପ, ସ୍ନାନ ମଣ୍ଡପ, ଯଜ୍ଞ ମଣ୍ଡପ, କୋଇଲିବୈକୁଣ୍ଠ, ରୋଷଶାଳ ଓ ସୁନାକୂଅ ରହିଛି। ମନ୍ଦିର ଚତୁଃପାର୍ଶ୍ୱରେ ବହୁ ଦେବଦେବୀଙ୍କ ପଥର ମୂର୍ତ୍ତି ଶୋଭାବର୍ଦ୍ଧନ କରୁଛି। ପୁରୀ ମନ୍ଦିର ଶୈଳୀରେ ଏହା ନିର୍ମିତ ହୋଇଛି। ମନ୍ଦିର ପାର୍ଶ୍ୱରେ ସୁଦୀର୍ଘ ବଡ଼ଦାଣ୍ଡ, ମାଉସୀ ମାଆ ମନ୍ଦିର, ଗୁଣ୍ଡିଚା ମନ୍ଦିର, ଦୋଳ ମଣ୍ଡପ ଓ ଚନ୍ଦନ ପୋଖରୀ ରହିଛି।

## ଏଠାର ରଥଯାତ୍ରା ନିଆରା

ମୁଖ୍ୟ ମନ୍ଦିର ୭୫ ଫୁଟ ଉଚ୍ଚ ହୋଇଥିବା ବେଳେ ନାଟମନ୍ଦିର ୬୦ ଫୁଟ, ଭଦ୍ରମନ୍ଦିର ୫୫ ଫୁଟ ଓ ମୁଖଶାଳା ୫୫ ଫୁଟ ରହିଛି। ଷୋଡ଼ଶ ଶତାବ୍ଦୀରେ ତିନି ଠାକୁରଙ୍କ ବିଗ୍ରହ ଚନ୍ଦନ କାଠରେ ନିର୍ମିତ ହୋଇଥିବା କଥା ଧରାକୋଟ ରାଜ ବଂଶାବଳୀ ତାଳପତ୍ର ପୋଥିରୁ ଜଣାଯାଏ। ଏଠାକାର ରଥଯାତ୍ରା ଯେପରି ସ୍ୱତନ୍ତ୍ର ମନ୍ଦିର ମଧ ସ୍ୱତନ୍ତ୍ର। ଏଠାରେ ରଥଯାତ୍ରା ଏକ ନିଆରା ଓ ବ୍ୟତିକ୍ରମ ପରମ୍ପରା ମଧରେ ପାଳିତ ହୋଇ ଆସୁଛି। ଏଠାର ରଥ ପୁରୀର ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ସଦୃଶ। ରଥର ୧୨ ଗୋଟି ଚକ ରହିଥିବା ବେଳେ ଉଚ୍ଚତା ଓ ଓସାର ୩୩ ଫୁଟ। ଚକର ବ୍ୟାସ ୭ ଫୁଟ। ପୁରପଲ୍ଲୀଠାରୁ ରାଜ୍ୟ, ଦେଶ ଓ ବିଦେଶରେ ରଥଯାତ୍ରା ମହାସମାରୋହରେ ଗୁଣ୍ଡିଚାଠାରୁ ଆରମ୍ଭ ହୋଇ ବାହୁଡ଼ାରେ ଶେଷ ହୁଏ। ହେଲେ ଧରାକୋଟଗଡ଼ର ରଥଯାତ୍ରାରେ ଏହାର ବ୍ୟତିକ୍ରମ ଓ ସ୍ୱତନ୍ତ୍ର ରୀତିନୀତି ଦେଖିବାକୁ ମିଳେ। ଏଠାରେ ଗୁଣ୍ଡିଚା ପରଦିନ ରଥଟଣା ହେଉଥିବା ବେଳେ ବାହୁଡା ପରଦିନ ଏକାଦଶୀ ତିଥିରେ ରାଜାଙ୍କ ଉପସ୍ଥିତିରେ ବାହୁଡା ଯାତ୍ରା ପାଳନ କରାଯାଏ। ଏହିଦିନ ରାଜତନ୍ତ୍ରର ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ରାଜା ରାଜକୀୟ ପୋଷାକ ପରିଧାନ କରି ରୁପା ତାମ୍‌ଜାନରେ ପାତ୍ର, ମନ୍ତ୍ରୀ, କଟୁଆଳ ଓ ପାରିଷଦ ବର୍ଗଙ୍କୁ ନେଇ ବାଦ୍ୟ ବାଜଣା ସହ ରଥ ନିକଟରେ ପହଞ୍ଚି ରଥାରୂଢ଼ ମହାପ୍ରଭୁଙ୍କ ରଥ ଟଣାର ଶୁଭାରମ୍ଭ କରିଥାନ୍ତି। ସମ୍ପ୍ରତି ଏଠାରେ ଧରାକୋଟ ରାଜକୁମାରୀ ସୁଲକ୍ଷଣା ଗୀତାଞ୍ଜଳି ଠାକୁରଙ୍କ ଆଦ୍ୟ ସେବକ ଭାବରେ ନିଜକୁ ପ୍ରତିପାଦନ କରି ସମସ୍ତ ପରମ୍ପରାକୁ ନିଷ୍ଠାର ସହ ପାଳନ କରିଆସୁଛନ୍ତି, ଯାହାକି ଏକ ବିରଳ ବ୍ୟତିକ୍ରମ। ରାଜକୁମାରୀଙ୍କ ଭକ୍ତି ସମଗ୍ର ଅଞ୍ଚଳରେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ଏହି ନିଆରା ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ଧରାକୋଟଗଡ଼ର ରଥଯାତ୍ରାରେ ଗଣତନ୍ତ୍ର ଭିତରେ ରାଜତନ୍ତ୍ରର ସ୍ୱତନ୍ତ୍ରତା ଦେଖିବାକୁ ମିଳେ।



ଗଞ୍ଜାମ ଜିଲା ଧରାକୋଟରେ ପୂଜା ପାଉଥିବା ଶ୍ରୀଜୀଉ।



ଜଗନ୍ନାଥ ମନ୍ଦିର ମୁଖ୍ୟ ଦ୍ୱାର ।




ରାଜକୁମାରୀ ସୁଲକ୍ଷଣା ଗୀତାଞ୍ଜଳି ।



ଧରାକୋଟ ରାଣୀ ନନ୍ଦିନୀ ଦେବୀ।

